# ORISSA LEGISLATIVE ASSEMBLY

## PROCEEDINGS

**FIRST ASSEMBLY—SEVENTH SESSION**

**FRIDAY, THE 25TH FEBRUARY 1955**

**Vol. VII—No. 5**

# OFFICIAL REPORT

CONTENTS


**Questions and Answers**

**Presentation of the Budget for the year 1955-56**

**Appendix**



SUPERINTENDENT, ORISSA GOVERNMENT PRESS, CUTTACK
1955

*Price—Re. 0-4-0 or 5d.* ]

ମୂଲ୍ୟ ଚାରିଅଣା

## PRESENTATION OF THE BUDGET FOR THE YEAR 1955-56

Shri RADHANATH RATH (Minister): ବାଚସ୍ପତି ମହାଶୟ, ୧୯୫୫-୫୬ ମସିହାର ବଜେଟ୍ ଏ ସଭାରେ ଉପସ୍ଥାପିତ କରିବାକୁ ମୁଁ ବର୍ତ୍ତମାନ ଠିଆ ହୋଇଛି । ଏହା ଆମ ଅମଳର ଚତୁର୍ଥ ଓ ପ୍ରଥମ ପଞ୍ଚବାର୍ଷିକ ଯୋଜନାର ପଞ୍ଚମ ବା ଶେଷ ବର୍ଷର ବଜେଟ୍ ।

ମୁଁ ବିଶ୍ୱାସ କରୁଛି, ଆପଣଙ୍କ ଆଗରେ ଗୋଟିଏ ସନ୍ତୁଳିତ ବଜେଟ୍ ଉପସ୍ଥାପିତ କରି ପାରିଥିଲେ ଭଲ ହୋଇଥାନ୍ତା । ଏପରି କରିବାକୁ ଆମ୍ଭମାନଙ୍କର ସମ୍ମାନାସ୍ପଦ କେନ୍ଦ୍ର ଅର୍ଥମନ୍ତ୍ରୀ ଅଲଦିନ ପୂର୍ବେ ପରାମର୍ଶ ଦେଇଥିଲେ । ସେ କହିଥିଲେ, ରାଜସ୍ୱ ବଜେଟ୍‌କୁ ସନ୍ତୁଳିତ କରି ରଖିବା ଅର୍ଥନୀତି ଦୃଷ୍ଟିରେ ଶ୍ଳାଘ୍ୟ । କାରଣ, ରାଜସ୍ୱ ବଜେଟ୍‌ରେ ଯେଉଁ ଢଙ୍ଗର ଖର୍ଚ୍ଚର ବ୍ୟବସ୍ଥା ହୋଇଛି, ତାହା ଆଜି କାଲି ସମୟରେ ଗତାନୁଗତିକ ଖର୍ଚ୍ଚ ବୋଲି ଧରାଯିବାର କଥା । ତେଣୁ ଖାଲି ବର୍ଷକପାଇଁ ନୁହେଁ, ଆଗକୁ କେତେ ବର୍ଷ ଲଗାଏତ୍ ରାଜସ୍ୱ ବଜେଟ୍‌କୁ ସନ୍ତୁଳିତ କରିବା ଉପରେ ରାଜ୍ୟ ସରକାରମାନେ ଚେଷ୍ଟା କରନ୍ତୁ ବୋଲି ସେ ସୂଚାଇ ଦେଇଥିଲେ । ପଞ୍ଚବାର୍ଷିକ ଯୋଜନାର ଆରମ୍ଭ ବେଳେ ରାଜସ୍ୱର ଆଦାୟ ବଢ଼ାଇ ଖର୍ଚ୍ଚ ବ୍ୟବସ୍ଥା କରିବା-ପାଇଁ ବିଶାରଦମାନେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ପରାମର୍ଶ ଦେଇଥିଲେ । କିନ୍ତୁ କାର୍ଯ୍ୟରେ ଦେଖାଗଲା, ଖାସ ପଞ୍ଚବାର୍ଷିକ ଯୋଜନା ଓ ତତ୍‌ସଂପୃକ୍ତ ଅନ୍ୟ ପରିକଳ୍ପନାମାନଙ୍କ ସକାଶେ ଯେତେ ଟଙ୍କା ଦରକାର, ତାହା ରାଜସ୍ୱ ବୃଦ୍ଧି କରି ତୁଲାଇ ହେବ ନାହିଁ । ଅତ୍ୟାବଶ୍ୟକ ଉନ୍ନୟନ କାର୍ଯ୍ୟ ନିମନ୍ତେ ଖର୍ଚ୍ଚର ପ୍ରୟୋଜନ ହେଉଛି । ତାକୁ ସୁଦ୍ଧା ସାଙ୍ଗେ ସାଙ୍ଗେ ରାଜସ୍ୱ ବଢ଼ି ପାରିବ ନାହିଁ । ବର୍ତ୍ତମାନ ଉନ୍ନୟନ କାର୍ଯ୍ୟରେ ଯେଉଁ ଖର୍ଚ୍ଚ ହେଉଛି, ତାହା ମୂଳଧନ ଖଟାଇଲା ପରି ଆଗ ଲଗ୍ନି କରିବାକୁ ହେବ । ଫଳରେ କ୍ରମେ ଦେଶର ବୈଷୟିକ ଅବସ୍ଥା ଉନ୍ନତ ହୋଇ ଲୋକଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହେବା ସଙ୍ଗେ ସଙ୍ଗେ ରାଜ୍ୟର ରାଜସ୍ୱ ଆୟ ନିଶ୍ଚୟ ବଢ଼ିବ ବୋଲି ଆଶା କରାଯାଏ । ଯୋଜନାରେ ଯେଉଁ ପରିକଳ୍ପନା ଗୁଡ଼ିକ ରହିଛି ତାହାର ଫଳ ସମୟସାପେକ୍ଷ । ତେଣୁ ସେଥିରେ ଟଙ୍କା ଲଗାଇବା ସଙ୍ଗେ ସଙ୍ଗେ ରାଜସ୍ୱ ବଢ଼ି ଖର୍ଚ୍ଚ ହୋଇଥିବା

ଧନ ଫେରି ପାଇବା ସମ୍ଭବ ନୁହେଁ । ରାଜ୍ୟର ଆୟ ବଢ଼ାଇବା ଦିଗରେ ଯଥାସାଧ୍ୟ ଉଦ୍ୟମ କରିବା ସତ୍ତ୍ୱେ ପଞ୍ଚବାର୍ଷିକ ଯୋଜନାକୁ ସଫଳ କରିବା ସକାଶେ ଯେଉଁ ଆତ୍ୟନ୍ତିକ ଉଦ୍ୟମ ଚାଲିଛି ସେଥିପ୍ରତି ପ୍ରଥମେ ଦୃଷ୍ଟି ଦେବାକୁ ପଡ଼ୁଛି । ପ୍ରତି ପରିକଳ୍ପନାରେ କୋଟି ଟଙ୍କା ଲଗାଇ ହେବ ଅର୍ଥାତ୍ ବଜେଟ୍‌ର ଆୟ ଘର ଉପରେ ଯେତେ ନଜର ଦିଆଯାଇ ପାରୁଛି, ଖର୍ଚ୍ଚ ଉପରେ ତହିଁରୁ ଅଧିକ ହାତ ପକାଇବାକୁ ଦରକାର ପଡ଼ୁଛି ।

ବଜେଟ୍ ସମତୁଲ କରିବାର ପନ୍ଥା ଦୁଇଟି—ଅଧିକା ଆୟ ବ୍ୟବସ୍ଥା କରିବା ବା ଖର୍ଚ୍ଚ କାଟ କରିବା । ଯୋଜନା କମିସନ୍ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି, ରାଜ୍ୟ ସରକାରର ଯୋଜନାକୁ ସଫଳ କରିବାକୁ ହେଲେ ରାଜ୍ୟ ସରକାରର ଆୟ ବଢ଼ାଇବା ସର୍ବାଦୌ ପ୍ରୟୋଜନ । ନିର୍ଦ୍ଧାରିତ ସୀମାରେ ରାଜ୍ୟର ଯୋଜନାଗୁଡ଼ିକୁ ସମ୍ପନ୍ନ କରିବାର ସର୍ବପ୍ରଧାନ ସର୍ତ୍ତ, ରାଜ୍ୟର ଆୟ ବଢ଼ାଇବା ସକାଶେ ଅଧିକା ରାଜସ୍ୱ ଆଦାୟର ବ୍ୟବସ୍ଥା କରିବାକୁ ହେବ । ପରବର୍ତ୍ତୀ ଅନୁଚ୍ଛେଦମାନଙ୍କରେ ମୁଁ କହିବି, ଯୋଜନାପାଇଁ ଟଙ୍କା ଯୋଗାଇବାକୁ ଆମେ ରାଜସ୍ୱ ବୃଦ୍ଧି ଦିଗରେ କି ଉଦ୍ୟମ କରିଛୁ ଓ ଏ ସମ୍ପର୍କରେ କିପରି ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ଟପି ଯାଇ ସାରିଲୁଣି ।

ମୁଁ ବଢ଼େଇ ନ କରି କହିପାରେ ଯେ ଖର୍ଚ୍ଚ କାଟ ଉପରେ ଆମେ ନିରବଚ୍ଛିନ୍ନ ଉଦ୍ୟମ କରୁଛୁ । ୧୯୫୨-୫୩ ମସିହାର ବଜେଟ୍ ଭାଷଣରେ ମୁଁ କହିଥିଲି ପ୍ରତ୍ୟେକ ବିଭାଗ ପ୍ରଥମେ ନିଜ କର୍ତ୍ତବ୍ୟ ସଂପାଦନ କରିବାକୁ ଉଦ୍‌ଗ୍ରୀବ ହେବ ଓ ତତ୍‌ସଙ୍ଗେ ଦୃଷ୍ଟି ରଖିବ, ଯେପରି କୌଣସି ଅଯଥା ଖର୍ଚ୍ଚ ନ ହୁଏ । ଏହି ନୀତି ଅନୁସାରେ ବିଭିନ୍ନ ବିଭାଗରେ ଯଥାସମ୍ଭବ ଖର୍ଚ୍ଚ କମାଇବାକୁ ଉଦ୍ୟମ ହେଉଅଛି । ନିଜ କାର୍ଯ୍ୟକୁ ସୁରୁଖୁରୁରୂପେ କରିବା ଓ ଖର୍ଚ୍ଚ କମାଇବା, ଏ ଦୁଇଟିଯାକ କଥା ପରସ୍ପର ଧରାଧରି ହୋଇ ଚାଲୁଛି । ସରକାରରେ ଅନୁସୃତ ଆର୍ଥିକ ନିୟନ୍ତ୍ରଣର ଏହି ଦୁଇଟି ଦିଗର ସମନ୍ୱୟ କରିବା ନିମନ୍ତେ ପ୍ରତି ବିଭାଗରେ ଦୁଇଟି ସ୍ୱାଧୀନ ଅଙ୍ଗ ରଖିବାକୁ ମୁଁ ସୂଚାଇ ଥିଲି । ପ୍ରତି ବିଭାଗରେ ଏକ ଦିଗରେ କାର୍ଯ୍ୟକାରୀ ଓ ଅନ୍ୟ ଦିଗରେ ଖର୍ଚ୍ଚ କଟିବାର ଦେଖଣାହାରୀ ରହିବେ । ଫଳରେ ପ୍ରତି ବିଭାଗରେ ଖର୍ଚ୍ଚ ଚାଲୁଥିବା ସଙ୍ଗେ ସଙ୍ଗେ ସେହି ବିଭାଗ ଭିତରେ ଖର୍ଚ୍ଚ ତନଖି ଚାଲିଥିବ । ଖଜଣାଖାନାଠାରୁ ସେକ୍ରେଟେରିଏଟ୍ ପର୍ଯ୍ୟନ୍ତ ସବୁଠାରେ ବିଭାଗ ଭିତରେ ସହଜରେ ଖର୍ଚ୍ଚ ନିୟନ୍ତ୍ରିତ ହୋଇ ପାରିବ । ଯେଉଁ ବିଭାଗମାନଙ୍କରେ ବେଶି ଟଙ୍କା ଖର୍ଚ୍ଚ ହୁଏ ସେହିପରି କେତେକ ବିଭାଗରେ ମାନ୍ୟ ଆର୍ଥନୀତିକ ପରାମର୍ଶଦାତା ନିଯୁକ୍ତ କରି ବିଭାଗ ଭିତରେ ଆର୍ଥିକ ନିୟନ୍ତ୍ରଣ କରିବାର ଉଦ୍ୟମ ଆରମ୍ଭ ହୋଇଛି । କିନ୍ତୁ ଏ ପ୍ରସ୍ତାବଟି ଯଥାଯଥଭାବେ ଅଦ୍ୟାପି ସଂପୂର୍ଣ୍ଣ ଚାଲୁ ହୋଇଲାଣି ବୋଲି ମୁଁ କହି ପାରିବି ନାହିଁ । ଖର୍ଚ୍ଚ ଏତେ ବଢ଼ି ଚାଲିଛି ଯେ, ତାହାକୁ ନେଇ ଆଣି ଥୋଇବା ସକାଶେ ଶାସନକଳକୁ ବଢ଼ାଇବାକୁ ହେଉଛି ଓ ଅଧିକଭାବେ ଖର୍ଚ୍ଚ ନିୟନ୍ତ୍ରଣ ବ୍ୟବସ୍ଥା କରିବାକୁ ପଡୁଛି । ଶାସନକଳର ଏପରି ବିସ୍ତାରପାଇଁ ଆମେ ଆଗରୁ ସାବଧାନ ହୋଇ ସଜାଗ ହୋଇ ନ ଥିଲୁ । ସେ ଦିଗରେ ଏବେ ଉଦ୍ୟମ ଆରମ୍ଭ ହୋଇଛି । ଶାସନକଳକୁ ସଜାଡ଼ିବା ଓ ବଢ଼ାଇବାରେ ଉଦ୍ୟମ ହେବା ସଙ୍ଗେ ସଙ୍ଗେ ବିଭାଗୀୟ ଆର୍ଥନୀତିକ ନିୟନ୍ତ୍ରଣର ବ୍ୟବସ୍ଥା କ୍ରମେ କ୍ରମେ କରାଯାଉଛି । ଏହା ଫଳରେ ପୁଣି ଖର୍ଚ୍ଚ ବଢ଼ିବା ତ ସ୍ୱାଭାବିକ ।

ଅର୍ଥନିୟନ୍ତ୍ରଣର ମୂଳ କଥା ହେଉଛି, ଖର୍ଚ୍ଚକୁ ଜଗି ରଖି ଘର ଚଳାଇବାକୁ ହେବ । କ୍ଷତି ଓ ଅନର୍ଥବ୍ୟୟ ଯେପରି ନ ହୁଏ ତାହା ଦେଖିବା ସଙ୍ଗେ ସଙ୍ଗେ ଆୟରୁ କିଛି ସଞ୍ଚିବାକୁ ସବୁବେଳେ ଧ୍ୟାନ ରଖି ବିଚକ୍ଷଣ ଭାବେ କାର୍ଯ୍ୟ ଚଳାଇବାକୁ ହେବ । ମୋଟ ବ୍ୟୟରେ ଖର୍ଚ୍ଚ ଯେପରି ଟପିଲି ନ ଯାଏ ସେଥିପାଇଁ ସାବଧାନ ରହି, ଏପରି ବ୍ୟବସ୍ଥା କରିବାକୁ ହେବ, ଯେପରି ପଇସାଟିଏ ଅନର୍ଥବ୍ୟୟ ନ ହେବ ଓ ଯାହା ଖର୍ଚ୍ଚ ହେବ ତାହାର ପୂରା ଫଳ ଯେପରି ମିଳିବ । ଏହି ଦୃଷ୍ଟିରେ ଖର୍ଚ୍ଚକୁ ତନଖି କରିବାକୁ ହେବ ଓ ଏ ତନଖି ପୁଣି ସବୁବେଳେ ଲାଗି ରହିଥିବ । ଏହି ନୀତିକୁ ଆମେ କେତେଦୂର ମାନୁଥାଉଁ ଏବଂ ଯୋଜନା ଓ ବଜେଟ୍‌ର ଯେଉଁ ଯେଉଁ ପରିକଳ୍ପନାରେ ରାଜସ୍ୱ ଖର୍ଚ୍ଚ ହେଉଛି, ତାହାର ପୂରା ଫାଇଦା ଆମେ ପାଉଥାଉଁ ନା ନାହିଁ ସବୁବେଳେ ଦେଖିବାକୁ ହେବ । ଅର୍ଥ ନିୟନ୍ତ୍ରଣରେ କେହି କେହି କୃପଣ ପରି ମୁଠା ଟାଣ କରି ଦେବାର ପକ୍ଷପାତୀ । ଏ ସଂପର୍କରେ ପ୍ରଖ୍ୟାତ ବ୍ୟବସ୍ଥାପକ ଏଡ଼ମଣ୍ଡ ବର୍କଙ୍କ ମତର ଉଲ୍ଲେଖ କରିବି । ୧୭୯୫ ଖ୍ରୀ: ରେ ସେ ବିଲାତର ଲର୍ଡସଭାର ଜଣେ ସଭ୍ୟଙ୍କୁ ଦେଇଥିବା ପତ୍ରାବଳୀରେ ସେ ଠାଏ କହିଛନ୍ତି, "ପ୍ରକୃତ ଅର୍ଥ ନିୟନ୍ତ୍ରଣ କରିବାକୁ ଯାଇ ବେଳେ ବେଳେ ଖୁବ୍ ଖର୍ଚ୍ଚ କରିବା ଦରକାର ହୋଇପାରେ । ଖର୍ଚ୍ଚ କରିବାରେ ଅଣ୍ଟା ବାଣ୍ଟି ଆପଣ

କେହି କେହି ଗୁଣ ବୋଲି ଗଣି ପାରନ୍ତି, କିନ୍ତୁ ରାଜ୍ୟର ଅର୍ଥ-ନିୟନ୍ତ୍ରଣରେ ଉଭୟର ଆଭିମୁଖ୍ୟ ପ୍ରୟୋଜନ ହୁଏ। ଅର୍ଥ ନିୟନ୍ତ୍ରଣର ପ୍ରଧାନ କଥା, ବିଭିନ୍ନ ବାବଦରେ ଯଥାଯଥଭାବେ ଧନର ବିନିଯୋଗ। ଖାଲି ସଞ୍ଚିଲେ ଚଳିବ ନାହିଁ। ବୁଝି ବିଚାରି ଯଥୋଚିତ ଖର୍ଚ୍ଚ କରିବା ସବୁଠାରୁ ବଡ଼କଥା। ସେ କାର୍ପଣ୍ୟ, ତାର ଦୂରଦର୍ଶିତାର ପ୍ରୟୋଜନ ନାହିଁ, ବିଚକ୍ଷଣତାର ପ୍ରୟୋଜନ ନାହିଁ। ଠିକ୍ ବିଚାର କରି ବିଭିନ୍ନ ବାବଦର ପ୍ରୟୋଜନ ତଉଲି ଚଉଅଶିଆ ହୋଇ ଖର୍ଚ୍ଚ କରିବା ତଥା ସେ ଭଳି ନାହିଁ। କିନ୍ତୁ ମୁଁ ଯେଉଁ ଉଭୟର ଆଭିମୁଖ୍ୟ କଥା କହୁଛି, ସେଥିରେ ମହତ୍ତ୍ୱର ଲକ୍ଷ୍ୟ ଧରି କାର୍ଯ୍ୟ କରିବାକୁ ହେବ। ବିଚକ୍ଷଣତାର ସହିତ ବିଷୟର ବାସ୍ତବରୂପ ଭରି ଯାହା ଠିକ୍ ବୋଲି ପ୍ରତୀତ ହେଲା, ତାହା ଦୃଢ଼ଭାବେ ଧରିବାକୁ ହେବ। ଖାଲି ମନର ପ୍ରଶସ୍ତିତ ବୃତ୍ତିରେ କାର୍ପଣ୍ୟ କିଛି ବିଚାର ନ କରି ଟେଙ୍କାକୁ ଜାକି ବସିଥାଏ। ଏ ବୃତ୍ତିରେ ମହତ୍ତ୍ୱ ନାହିଁ। ଏ କୃପଣତା ଅର୍ଥ ନିୟନ୍ତ୍ରଣ ନୁହେଁ। ତା' ପରିବର୍ତ୍ତେ ବିସ୍ତୀର୍ଣ୍ଣ ଓ ମହତ୍ତ୍ୱର କ୍ଷେତ୍ରରେ ନମ୍ର ଅଥଚ ଦୃଢ଼ହସ୍ତରେ ଚିନ୍ତା ଚଳାଇବାକୁ ହେବ। ଇଂରେଜୀରେ ଗୋଟିଏ ଢଗ ଅଛି, ତାହାର ଅର୍ଥ, ଏପରି ବାନ୍ଧିଥିବ ଯେ ବଙ୍କୁଚି ନ ଯାଇ ଭଙ୍ଗୁର ହେବ।

ଅର୍ଥ ନିୟନ୍ତ୍ରଣ ବିଷୟରେ ଉପରେ ଯେଉଁ ନୀତିର ଉଲ୍ଲେଖ କଲି, ସେହି ଦୃଷ୍ଟିରେ ଆମର ଯୋଜନା ଓ ବଜେଟ୍‌ରେ ହୋଇଥିବା ବ୍ୟବସ୍ଥାକୁ ଆପଣମାନେ ବିଚାର କରିବେ ବୋଲି ମୋର ସନିର୍ବନ୍ଧ ଅନୁରୋଧ। ମହାକବି କାଳିଦାସ ରଘୁବଂଶରେ ଲେଖିଛନ୍ତି :—

"ଫଳାନୁମେୟାଃ ପ୍ରାରମ୍ଭାଃ
ସଂସ୍କାରାଃ ପ୍ରାକ୍ତନାଇବ।"

ଆଜି ଯେଉଁ ନୀତି, ଯୋଜନା ଓ ପରିକଳ୍ପନା ଗୁଡ଼ିକ ଅନୁସୃତ ହେଉଛି, ତାହା ଭଲ ହେଉଛି କି ମନ୍ଦ ହେଉଛି ଫଳରେ ଯାଇ ଜଣାପଡ଼ିବ।

## ଆର୍ଥନୀତିକ ପରିସ୍ଥିତି

ରାଜ୍ୟର ବଜେଟ୍ ପରିସ୍ଥିତି ଆଲୋଚନା କରିବା ପୂର୍ବରୁ ଏବଂ ପ୍ରଥମ ପଞ୍ଚବାର୍ଷିକ ଯୋଜନାର ଶେଷ ବର୍ଷରେ ଯୋଜନାର ଭିତର ଓ ବାହାର ପରିକଳ୍ପନାମାନଙ୍କ ପାଇଁ ଖର୍ଚ୍ଚ ବ୍ୟବସ୍ଥା କରିବାରେ ବଜେଟ୍ ଉପରେ ଯେଉଁ ଚାପ ପଡ଼ିଛି, ତାହା ବର୍ଣ୍ଣନା କରିବା ପୂର୍ବରୁ ମୁଁ ଦେଶର ଆର୍ଥନୀତିକ ପରିସ୍ଥିତି ବିଷୟରେ କିଛି ନ କହି ରହି ପାରୁନାହିଁ। ଆନ୍ତର୍ଜାତିକ ବିକ୍ଷୋଭ ଯୋଗୁଁ ଏବଂ କୃଷିଉତ୍ପନ୍ନ ଶସ୍ୟାଦିର ଦରଦାମ ଖସିବାକୁ ଆରମ୍ଭ କରିବା ଫଳରେ ସମଗ୍ର ରାଷ୍ଟ୍ରରେ ଆର୍ଥିକ ପରିସ୍ଥିତି ଜଟିଳ ହୋଇଛି। ଏହାର ପ୍ରଭାବ ଆମ ରାଜ୍ୟ ଉପରେ ପଡ଼ିବାର କଥା। ବିଶେଷ କରି ଗତ ବର୍ଷ ଆମ ରାଜ୍ୟର କେତେକ ଅଞ୍ଚଳରେ ଅନାବୃଷ୍ଟି ହୋଇ ଆମ ନିଜ ଅବସ୍ଥା ଅଧିକ ଜଟିଳ ହୋଇଛି। ମୁଖ୍ୟତଃ ଭାରତର ଚେଷ୍ଟାରେ କୋରିଆ ଓ ଇଣ୍ଡୋଚୀନରେ ଯୁଦ୍ଧ ବନ୍ଦ ହୋଇଛି ଓ ସ୍ଥାୟୀଭାବରେ ଏହି ରାଜ୍ୟମାନଙ୍କରେ ଶାନ୍ତି ସ୍ଥାପନ କରି ବିଶ୍ୱ-ଶାନ୍ତିର ପଥ ସୁଗମ କରିବାକୁ ଅଦ୍ୟାପି ଉଦ୍ୟମ ଚାଲିଛି। ଏବେ ପୁଣି ଫର୍ମୋଜା ସଂପର୍କରେ ଗୋଳମାଳ ଚାଲି ଖାଲି ଏସିଆ ମହାଦେଶର ରାଜ୍ୟମାନଙ୍କରେ ନୁହେଁ, ସମଗ୍ର ପୃଥିବୀରେ ବିକ୍ଷୋଭ ଘନୀଭୂତ ହୋଇ ପଡ଼ିଛି। ପ୍ରଧାନ ମନ୍ତ୍ରୀ ଏବେ ଲଣ୍ଡନରେ ହୋଇଥିବା ରାଜ୍ୟଗୋଷ୍ଠୀର ମୁଖ୍ୟମନ୍ତ୍ରୀମାନଙ୍କ ସମ୍ମିଳନୀରେ ଯୋଗ ଦେଇ ଫେରିଛନ୍ତି। ସେ କହିଛନ୍ତି ଯେ ନିକଟ ଭବିଷ୍ୟତରେ ଯୁଦ୍ଧ ଆଡ଼କୁ ଅବସ୍ଥା ଗତି କରିବା ଆଶଙ୍କା ନ ଥିଲେହେଁ ପୃଥିବୀ ଭୀଷଣ ପରିସ୍ଥିତିର ସମ୍ମୁଖୀନ ହୋଇ ରହିଛି। କିନ୍ତୁ ତନାଘନାରେ ଯୁଦ୍ଧ ପାଇଁ ସଜବାଜ ଲାଗିଥିଲାବେଳେ ଯେଉଁ ମାନସିକ ସ୍ଥିତି ହୁଏ, ସେଥିରେ ଆର୍ଥନୀତିକ ନିୟମମାନଙ୍କର ସ୍ୱଚ୍ଛନ୍ଦ ଓ ନିରଙ୍କୁଶ ବିକାଶ ପ୍ରଚଳନ ସମ୍ଭବ ନୁହେଁ। ଶାନ୍ତି ଓ ନିରାପତ୍ତା ଆଗରେ ଏହା ପଛକୁ ହଟିଯିବାର କଥା। ତେଣୁ ଭାରତର ଅର୍ଥମନ୍ତ୍ରୀ ସେ ଦିନ ମତ ଦେଇଛନ୍ତି ଯେ ରାଜ୍ୟରକ୍ଷା ଖର୍ଚ୍ଚରେ ଆଉ ଅଧିକ କାଟ କଟୋର କରିବା ବର୍ତ୍ତମାନ ସମ୍ଭବ ନୁହେଁ। ଉଭୟକୋଟିରେ ରହି ନିଜ ସ୍ୱାର୍ଥ ସାଧନ କରିବାକୁ ହେଲେ ଅନ୍ୟର ଅଭାବ ଅସୁବିଧାକୁ ଦେଖି ନିଜକୁ ଚଳିବାକୁ ପଡ଼ିବ। ପୃଥିବୀର କୌଣସିଠାରେ ବିଶେଷ କରି ଭାରତର ପଡ଼ୋଶୀ କୌଣସି ରାଜ୍ୟରେ ଅଶାନ୍ତି ଘଟିଲେ ଭାରତର ଆର୍ଥନୀତିକ

ପରିସ୍ଥିତି ଉପରେ ଆଞ୍ଚ ଆସିବ । ତାହାର ଫଳ ଆମରାଜ୍ୟରେ ବି ଭୋଗିବାକୁ ହେବ । ଯାହାହେଉ ସୌଭାଗ୍ୟର କଥା, ଏ ପର୍ଯ୍ୟନ୍ତ ଆନ୍ତର୍ଜାତିକ ପରିସ୍ଥିତିଦ୍ୱାରା ଭାରତର ଅର୍ଥନୈତିକ କ୍ଷେତ୍ରରେ କୌଣସି ଅନିଷ୍ଟ ଦେଖା ଦେଇନାହିଁ । କିନ୍ତୁ ସେ ସମ୍ଭାବନା ଥିବାଯାଏଁ ଆମକୁ ସାବଧାନ ହୋଇ ରହିବାକୁ ହେବ ଓ ଆମର ଅର୍ଥନୈତିକ ସୋତକୁ ଏପରି ଚଳାଇ ନେବାକୁ ହେବ, ଯେପରି ତାହା ଆନ୍ତର୍ଜାତିକ ବିପତ୍ତିରେ ଧକ୍କା ନ ଖାଏ ।

ସୌଭାଗ୍ୟର କଥା, ଗତ କେତେ ବର୍ଷ ହେଲା ଆମ ରାଷ୍ଟ୍ରରେ ଶିଳ୍ପ ଓ କୃଷି ଉତ୍ପାଦନ କାର୍ଯ୍ୟକ୍ରମ ଠିକ୍ ଧାରାରେ ଚାଲିଛି । କୃଷି ଉତ୍ପାଦନ ଯେ ବଢ଼ିଛି, ସେଥିପାଇଁ ପଞ୍ଚବାର୍ଷିକ ଯୋଜନାର ଅନ୍ତର୍ଗତ ଅନେକ ପରିମାଣରେ ଦାୟୀ । ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ଅନୁଷ୍ଠାନ (F.A.O.) ହିସାବ କରି କହିଛନ୍ତି ଯେ ଭାରତରେ ଇତିମଧ୍ୟରେ ଅଧିକା ୬୦ ଲକ୍ଷ ଏକର ଜମିରେ ଧାନଚାଷ ହୋଇଛି । ଖାଦ୍ୟ ଉତ୍ପାଦନ ବଢ଼ିବା ଫଳରେ ବାହାରୁ ଖାଦ୍ୟ ଆମଦାନୀ କରିବା ବିଶେଷଭାବେ କମାଇ ଦିଆଯାଇଛି । ସ୍ୱାଧୀନତା ପାଇବାଠାରୁ ୭ ବର୍ଷ ଭିତରେ ଲୋକଙ୍କୁ ଯେତେ ଖାଦ୍ୟ-ସାମଗ୍ରୀ ମିଳୁଥିଲା ଏବେ ତହିଁରୁ ଅଧିକ ମିଳି ପାରୁଛି । ହଠାତ୍ ଆକସ୍ମିକ ପଡ଼ିଲେ ଯୋଗାଇ ଦେବାପାଇଁ ଭାରତ ସରକାର ଯଥେଷ୍ଟ ଖାଦ୍ୟଦ୍ରବ୍ୟ ମହଜୁଦ୍ ରଖିଛନ୍ତି । ଏହି କାରଣରୁ ଯେତେବେଳର କେନ୍ଦ୍ର ଖାଦ୍ୟମନ୍ତ୍ରୀ ସ୍ୱର୍ଗତଃ ରଫି ମହମ୍ମଦ୍ କିଦୱାଇ, ଯାହାଙ୍କ ଆକସ୍ମିକ ଅକାଳ ବିୟୋଗରେ ଆମେ ଏହି ଗୃହରେ ଶୋକପ୍ରକାଶ କରିଥିଲେ, ସେ ୧୯୫୪ ଖ୍ରୀଷ୍ଟାବ୍ଦର ଜୁଲାଇ ୧୦ ତାରିଖଠାରୁ ଖାଦ୍ୟଦ୍ରବ୍ୟ ଉପରୁ କଣ୍ଟ୍ରୋଲ ଉଠାଇ ଦେଇଥିଲେ । ଜଣେ ସାହସୀ ଓ ବିଜ୍ଞ ଶାସକ ବଡ଼ ସାହାସରେ ଯେତେବେଳେ ଏ କଥା କରିଥିଲେ । ଏ ପର୍ଯ୍ୟନ୍ତ କଣ୍ଟ୍ରୋଲ ଉଠି ଯାଇଥିବା ଯୋଗୁଁ କୌଣସି ଅସୁବିଧା ହୋଇନାହିଁ । ଆମ ରାଜ୍ୟରେ ଯେଉଁ ଅଭାବ ପଡ଼ିଛି ତାହାର କାରଣ ଗତ ବର୍ଷର ଭୀଷଣ ଅନାବୃଷ୍ଟି । ଯାହାହେଉ, କେନ୍ଦ୍ର ସରକାର ଆମକୁ ନିର୍ଭର ଦେଇଅଛନ୍ତି ଯେ ରାଜ୍ୟରେ ଖାଦ୍ୟଶସ୍ୟର ଚାହିଦା ମେଣ୍ଟାଇବାକୁ ଆମେ ଯେତେ ଖାଦ୍ୟଶସ୍ୟ ଚାହିଁବା ତାହା ସେ ଆମକୁ ଯୋଗାଇ ଦେବେ ।

ଖାଦ୍ୟଶସ୍ୟ, କପା, ଝୋଟ ଓ ରବିଫସଲ ପ୍ରୟୋଜନ ମୁତାବକ ଉତ୍ପନ୍ନ କରିବାକୁ ଯେଉଁ କାର୍ଯ୍ୟକ୍ରମ ଗଢ଼ାଯାଇଥିଲା, ତାହା ଗତବର୍ଷ ଠିକ୍ ଭାବରେ ଚାଲିଛି । ଶିଳ୍ପ ଉତ୍ପାଦନ ମଧ୍ୟ ଠିକ୍ ଭାବରେ ବଢ଼ି ଚାଲିଛି । ୧୯୫୩ ମସିହାରେ ଆମ ରାଷ୍ଟ୍ରରେ ୪୯,୦୫୨ ଲକ୍ଷ ଗଜ ଲୁଗା ଓ ୧୫,୧୧୦ ଲକ୍ଷ ପାଉଣ୍ଡ ସୂତା ଉତ୍ପନ୍ନ ହୋଇଥିଲା । ୧୯୫୪ର ପ୍ରଥମ ୭ ମାସରେ ଲୁଗା ଓ ସୂତା ଯଥାକ୍ରମେ ୨୫,୦୩୯ ଲକ୍ଷ ଗଜ ଓ ୭,୬୭୦ ଲକ୍ଷ ପାଉଣ୍ଡ ଉତ୍ପନ୍ନ ହୋଇଥିଲା । ଉତ୍ପାଦନ ବଢ଼ିବାରୁ ସୂତା ଓ ଲୁଗାର କଣ୍ଟ୍ରୋଲ ମଧ୍ୟ ଉଠିଯାଇଛି । ସିମେଣ୍ଟ, ଲୁହା ପ୍ରଭୃତି ଅନ୍ୟ ଶିଳ୍ପଜାତ ଦ୍ରବ୍ୟମାନଙ୍କର ମଧ୍ୟ ଉତ୍ପାଦନ ବଢ଼ିଛି । ଆମ ରାଜ୍ୟରେ ବର୍ତ୍ତମାନ ଏହା ସୁବିଧାରେ ମିଳିଲାଣି । କୁଟୀର ଶିଳ୍ପ ଓ କ୍ଷୁଦ୍ରଶିଳ୍ପମାନଙ୍କର ବିକାଶ ସକାଶେ ବିଶେଷ ଜୋର ଦିଆଯାଉଛି । ଏ ଗୁଡ଼ିକର ବିକାଶ ନିମନ୍ତେ ସରକାରୀ ସାହାଯ୍ୟ ୧୦ ଗୁଣ ବଢ଼ିଗଲାଣି । ଉତ୍ପାଦନରେ ଏହିପରି ଉନ୍ନତି ହେବାଫଳରେ କୃଷିଜାତ ଦ୍ରବ୍ୟର ଦରଦାମ ଖସିବାକୁ ଆରମ୍ଭ କରୁଛି । କୋରିଆ ଯୁଦ୍ଧବେଳେ ଜିନିଷପତ୍ରର ଦାମ ଚୁର୍ ବଢ଼ିଯାଇଥିଲା । ବେପାରୀମାନେ ଲାଭ ଆଶାରେ ଜିନିଷପତ୍ର ଲୁଚାଇ ଦେଇଥିଲେ । ବର୍ତ୍ତମାନ ଦରଦାମ ଯେ ଖସୁଛି ତାହା ଉତ୍ପାଦନର କ୍ରମୋନ୍ନତି ଯୋଗୁଁ ହେଉଛି ବୋଲି ସ୍ପଷ୍ଟ ଜଣାଯାଉଛି । କୃଷିଜାତ ଦ୍ରବ୍ୟର ଦରଦାମ କିପରି କୃଷୀର ଅନୁକୂଳ ହୋଇ ରହିବ, ତାହାହିଁ ବର୍ତ୍ତମାନ ଚିନ୍ତାର ବିଷୟ । ୧୯୫୦-୫୧ରେ ରବିଫସଲର ଉତ୍ପାଦନ ଶତକଡ଼ା ୯୦·୩ ଥିଲା ଓ ଦାମ index number ଶହେକ ସ୍ଥାନରେ ୪୯୧ ଥିଲା । ୧୯୫୩-୫୪ରେ ଉତ୍ପାଦନ ୧୧୭·୨କୁ ଉଠିଯାଇଛି ଓ ଦାମ ୪୩୯କୁ ଖସିଯାଇଛି ବୋଲି ଜଣାଯାଏ । ଏକ ପକ୍ଷରେ ଉତ୍ପାଦନ ବଢ଼ୁଛି ଓ ଅନ୍ୟପକ୍ଷରେ ଦାମ ଖସି ଖସି ଆସୁଛି । ଆମ ଦେଶରେ ଅଧିକାଂଶ ଭାଗ କୃଷକ । ସେମାନଙ୍କର ସମୃଦ୍ଧିରେ ଆମ ଦେଶର ସମୂହ ବୈଷୟିକ ଉନ୍ନତି ନିର୍ଭର କରେ । ତେଣୁ କୃଷିଜାତ ଦ୍ରବ୍ୟର ଦରଦାମ କୃଷକର ଅନୁକୂଳ ଭାବରେ ରଖିବା ନିତାନ୍ତ ପ୍ରୟୋଜନ । କୃଷକର ଆୟ ହ୍ରାସ ହେଲେ ରାଜ୍ୟର ରାଜସ୍ୱରେ ଆଞ୍ଚ ଆସିବା ସ୍ୱାଭାବିକ । ଶିଳ୍ପଜାତ ଦ୍ରବ୍ୟର ଚାହିଦା ମଧ୍ୟ କମିଯିବ । ଅପରପକ୍ଷରେ ଖାଦ୍ୟଶସ୍ୟର ଦର କମିଗଲେ ଶିଳ୍ପ ଉତ୍ପାଦନରେ ଉନ୍ନତି ହୋଇ ପାରେ । ଫଳତଃ ଶିଳ୍ପ-ଉତ୍ପନ୍ନ ଦ୍ରବ୍ୟ ଅବଶ୍ୟ ଶସ୍ତାରେ ମିଳିବ । କିନ୍ତୁ କୃଷିଜାତ ଦ୍ରବ୍ୟର ଦାମ ଯଦି ବେଶି

ଖସିଯାଏ, ତେବେ କୃଷକର ଆୟ କମିଯିବ । ଦରଦାମ ସବୁବେଳେ ଏପାଖ ସେପାଖ ହେବ, କୃଷକର ଋଣଭାର ବଢ଼ିବ । ତେଣୁ ସମଗ୍ର ରାଜ୍ୟର ଆର୍ଥିକ ଦୁରବସ୍ଥା ଆସି ପହଞ୍ଚିବ । ଏପରି ପରିସ୍ଥିତି ନ ହେଲେ ରାଜ୍ୟର ସମୂହ ମଙ୍ଗଳ । ଏହି ଦୃଷ୍ଟିରେ ରାଜ୍ୟର ଆର୍ଥିକ ପରିସ୍ଥିତିର ଅନୁଧ୍ୟାନ କରିବାକୁ ହେବ ।

## ଅନାବୃଷ୍ଟି ସାହାଯ୍ୟ ବ୍ୟବସ୍ଥା

ଓଡ଼ିଶାର ଅନେକ ଜିଲ୍ଲାରେ ଅନାବୃଷ୍ଟି ଯୋଗୁଁ ଶୋଷଣ ପରିସ୍ଥିତି ଉପୁଜିବାରୁ ଗତବର୍ଷ ଫସଲ ଖୁବ ଖରାପ ହୋଇଛି । ଏହା ଫଳରେ ଆମ ରାଜ୍ୟର ବହୁତ ଆର୍ଥିକ ଦୁର୍ଗତି ହୋଇଛି । ଯାହାହେଉ, ରାଜ୍ୟ-ସରକାରଙ୍କ ହାତରେ ଲକ୍ଷେ ଟନରୁ ଅଧିକ ଖାଦ୍ୟଶସ୍ୟ ମହଜୁଦ୍ ଥିବାରୁ ନିଅଣ୍ଟିଆ ଅଞ୍ଚଳକୁ ସହଜରେ ଧାନ ଚାଉଳ ଯୋଗାଇ ଦେବା ସମ୍ଭବ ହୋଇଛି । ଏପରି କରିବା ଫଳରେ ଲୋକଙ୍କର ଦୁର୍ଦ୍ଦଶା ମେଣ୍ଟିଛି ଓ ଦରଦାମ ହଠାତ୍ ଚଢ଼ିଯିବା ରୋକା ହୋଇ ଯାଇଛି । କଣ୍ଟ୍ରୋଲ ଉଠିଯାଇଥିବା ହେତୁରୁ ଆଶା କରାଯାଇଥିଲା ଯେ ବ୍ୟବସାୟୀର ସାଧାରଣ ସୂତ୍ରରେ ନିଅଣ୍ଟିଆ ଅଞ୍ଚଳରେ ଧାନ ଚାଉଳ ଆସି ପହଞ୍ଚିବ । ସେ ଆଶା କେତେକ ସ୍ଥଳରେ, ସର୍ବତ୍ର ନୁହେଁ, ସଫଳ ହୋଇଛି । ନିକଟବର୍ତ୍ତୀ କେତେକ ରାଜ୍ୟରୁ ଧାନଚାଉଳ ଆସି ଆମ ନିଅଣ୍ଟିଆ ଅଞ୍ଚଳରେ ପହଞ୍ଚିଛି ଓ ଦରଦାମ ଠିକ ରହିଛି । ଭଗବାନଙ୍କର ବିଚିତ୍ର ଲୀଳାରେ ଏତେ କାଳ ଅନ୍ୟଙ୍କୁ ଖାଦ୍ୟ ଯୋଗାଇଥିବା ଓଡ଼ିଶା ଏ ବର୍ଷ ନିଅଣ୍ଟିଆ ହୋଇଛି ଓ ଚିରକାଳ ନିଅଣ୍ଟିଆ ଥିବା କେତେକ ରାଜ୍ୟରେ ଭଲ ଫସଲ ହୋଇଥିବାରୁ ସେମାନଙ୍କର ଖାଦ୍ୟଶସ୍ୟ ବଳକା ହୋଇଛି । ଅବସ୍ଥା ସମ୍ଭାଳିବାକୁ ଆମ ଯୋଗାଣ ବିଭାଗ ଖାଲି ଯେ ବହୁତ ପଞ୍ଚାୟତ ଧାନ ଗୋଲାକୁ ଧାନ ଯୋଗାଉଛନ୍ତି ତାହା ନୁହେଁ, ଅନାବୃଷ୍ଟିକ୍ଳିଷ୍ଟ ଓ ନିଅଣ୍ଟିଆ ଅଞ୍ଚଳର ଧାନ ଦୋକାନମାନଙ୍କୁ ମଧ୍ୟ ବିକ୍ରି ନିମନ୍ତେ ଧାନ ଯୋଗାଉଛନ୍ତି । କୃଷକଙ୍କୁ ସାହାଯ୍ୟ କରିବାକୁ ଜମି ଉନ୍ନତି ଋଣ, ତକାବି ଋଣ ମୁକ୍ତହସ୍ତରେ ଦିଆଯାଉଛି । ରବିଫସଲ କରିବା ନିମନ୍ତେ ରବିମଞ୍ଜି ମଧ୍ୟ ଯୋଗାଇ ଦିଆଯାଇଥିଲା । ଅନେକ ଗୁଡ଼ିଏ ପାଣିକଳ ଗ୍ରାମପଞ୍ଚାୟତମାନଙ୍କୁ ଋଣରେ ଯୋଗାଇ ଦିଆଯାଇଛି । ଅନେକ ଅଞ୍ଚଳରେ ସେଗୁଡ଼ିକ ଭଲ କାମ ଦେଉଛି ବୋଲି ଏ ପର୍ଯ୍ୟନ୍ତ ଖବର ମିଳୁଛି । ସଭାର ଗତ ସେପ୍ଟେମ୍ବର-ଅକ୍ଟୋବର ବୈଠକରେ ମୁଁ ଘୋଷଣା କରିଥିଲି ଯେ ଅନାବୃଷ୍ଟି-ପ୍ରପୀଡ଼ିତ ଅଞ୍ଚଳରେ ସାହାଯ୍ୟ ଦେବା ସକାଶେ କେନ୍ଦ୍ର ସରକାରରୁ ଆମକୁ ଦେଢ଼ କୋଟି ଟଙ୍କା ଋଣ ମିଳିଛି ଓ ଅନାବୃଷ୍ଟି ସାହାଯ୍ୟରେ ଯାହା ଟଙ୍କା ଖର୍ଚ୍ଚ ହେବ ସେଥିରୁ ଅଧେ କେନ୍ଦ୍ର ସରକାର ଆମକୁ ଗ୍ରାଣ୍ଟ ଦେବେ । ମୁଁ ଆହୁରି ମଧ୍ୟ ଜଣାଇଥିଲି ଯେ ଅନାବୃଷ୍ଟି ସାହାଯ୍ୟସ୍ୱରୂପ ଯାହା ଦିଆଯାଉଛି, ତାହା ବାଦ୍ ଆଉ ୬ କୋଟି ଟଙ୍କା ଉନ୍ନୟନ କାର୍ଯ୍ୟରେ ଖର୍ଚ୍ଚ ହେବାକୁ ଥିବାରୁ ଅନାବୃଷ୍ଟି-ପ୍ରପୀଡ଼ିତ ଅଞ୍ଚଳର ଲୋକଙ୍କୁ ଯଥେଷ୍ଟ କାମ ମିଳିପାରିବ ଓ ସେମାନଙ୍କର ଅଭାବ ଯଥାସମ୍ଭବ ଦୂର ହୋଇ ପାରିବ । ଅନାବୃଷ୍ଟି ସାହାଯ୍ୟ ଓ ଉନ୍ନୟନ ପରିକଳ୍ପନାମାନଙ୍କର ସବିଶେଷ ବିବରଣ ସିଭିଲ ବଜେଟରେ ଅଲଗା ହୋଇ ଦିଆହୋଇଛି । ବଜେଟର ପରିଚୟ ପତ୍ର ଓ ଯେଉଁ କାଗଜ ଛପା ହୋଇଥିଲା ଧଳା କାଗଜରେ ମଧ୍ୟ ଏହାର ବିବରଣ ପାଇବେ ।

ଅନାବୃଷ୍ଟି-ପ୍ରପୀଡ଼ିତ ଅଞ୍ଚଳରେ ଫସଲ ଖୁବ୍ କ୍ଷତି ହୋଇଥିଲେ ମଧ୍ୟ ଅନ୍ୟ ଅଞ୍ଚଳମାନଙ୍କରେ ଏକ ରକମ ଭଲ ଫସଲ, ହୋଇଥିବାରୁ ଏବଂ ପ୍ରପୀଡ଼ିତ ଅଞ୍ଚଳରେ କାମ ଓ ସାହାଯ୍ୟ ଯୋଗାଇ ଦିଆଯାଇଥିବା ହେତୁ ଲୋକେ କୌଣସିମତେ ଚଳି ଯାଉଛନ୍ତି । ଆଶା କରାଯାଏ, ଆରବର୍ଷ ଏହିପରି ବ୍ୟବସ୍ଥା ହେଲେ ପ୍ରପୀଡ଼ିତ ଅଞ୍ଚଳର ଲୋକେ ଆଗାମୀ ଫସଲ ପର୍ଯ୍ୟନ୍ତ ସମ୍ଭାଳି ଯିବେ ।

ପଞ୍ଚବାର୍ଷିକ ଯୋଜନା ଅନୁଯାୟୀ ଆରବର୍ଷ ଉନ୍ନୟନ କାର୍ଯ୍ୟରେ ୭ କୋଟି ଟଙ୍କା ଖର୍ଚ୍ଚ ହେବ । ମୁଁ ବାକି ଅନାବୃଷ୍ଟି ସାହାଯ୍ୟରେ ୪ କୋଟି ଟଙ୍କା ଖର୍ଚ୍ଚ ହେବ । ପୁଣି ଆହୁରି କେତେକ ଉନ୍ନୟନ ପରିକଳ୍ପନା ମଧ୍ୟ ଚାଲୁ ହେଉଛି । ଏ ସବୁ ମିଶି ପ୍ରାୟ ୧୬ କୋଟି ଟଙ୍କାର କାମ ଆସନ୍ତା ବର୍ଷ ହେବ । ତା ପଛକୁ ହୀରାକୁଦ, ମାଛକୁଣ୍ଡ ଓ ରାଜଧାନୀ ନିର୍ମାଣ କାର୍ଯ୍ୟ ତ ଅଛି । ଏଥିରେ ବହୁସଂଖ୍ୟାରେ ଲୋକେ କାମ ପାଇବେ । ସର୍ବୋପରି ମହାନଦୀର ତ୍ରିକୋଣ ଭୂମିରେ ଜଳସେଚନ Delta ପାଇଁ ଯେଉଁ ପରିକଳ୍ପନା ହେଉଛି, ତାହା ଆରବର୍ଷ ପୁରୀ ଓ କଟକ ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଏହା ଫଳରେ ମଧ୍ୟ ଅନେକ ଲୋକ କାମ ପାଇ ପାରିବେ ।

# ଧାନଚାଉଳ ଅବସ୍ଥା

୧୯୫୪-୫୫ ଖ୍ରୀ: ରେ ଅନାବୃଷ୍ଟି-ପ୍ରପୀଡ଼ିତ ଅଞ୍ଚଳରେ ଅଭାବ ପଡ଼ିଲେ ଖାଦ୍ୟଶସ୍ୟ ଯୋଗାଇବା ଆଶଙ୍କାରେ ରେଭିନ୍ୟୁ ବୋର୍ଡଙ୍କ ଇଙ୍ଗିତରେ ଯୋଗାଣ ବିଭାଗ ଗ୍ରାମପଞ୍ଚାୟତମାନଙ୍କୁ ଋଣସୂତ୍ରରେ ୧୨,୦୦୦ ଟନ୍ ଧାନ ଯୋଗାଇଥିଲେ । ପରେ ଆହୁରି କେତେକ ଗ୍ରାମପଞ୍ଚାୟତ ସକାଶ ୮,୦୦୦ ଟନ୍ ଧାନ ଦେବାକୁ ଯୋଗାଣ ବିଭାଗ ରାଜି ହୋଇଛନ୍ତି । ଏ ଧାନର ମୂଲ୍ୟ ୨୦ ଲକ୍ଷ ଟଙ୍କା ଏ ବର୍ଷ ବଜେଟରେ ଋଣରୂପେ ଦର୍ଶା ହୋଇଥିଲା । ସର୍ବମୋଟ ଏହି ୩୦,୦୦୦ ଟନ୍ ଧାନ ୯୯୧ ଗ୍ରାମପଞ୍ଚାୟତ ଗୋଦାମରେ ରଖାଯାଇ ପର ବର୍ଷ ଚାଷ ବେଳକୁ କୃଷୀମାନଙ୍କୁ ଋଣ ଦିଆଯିବ । ୧୯୫୩-୫୪ ମସିହାର ଶେଷ ସୁଦ୍ଧା ୪୭୨ଟି ପଞ୍ଚାୟତ ଧାନଗୋଲା ତିଆରି ସରିଥିଲା । ବାକି ୫୭୭ ଧାନ ଗୋଲା ତିଆରି ସକାଶ ୨୭ ଲକ୍ଷ ଟଙ୍କା ଚଳିତ ବର୍ଷ ବଜେଟରେ ମଞ୍ଜୁର ହୋଇଛି । ଏଥିରୁ ୨୯୨ଟି ଚଳିତ ବଜେଟ୍ ବର୍ଷ ଭିତରେ ତିଆରି ହୋଇଯିବ । ବାକିତକ ଆର ବର୍ଷ ବଜେଟ୍ ଆରମ୍ଭରେ ତିଆରି ହୋଇଯିବାର ଆଶା । ରାଜ୍ୟର ବିଭିନ୍ନ ସ୍ଥାନରେ ଗୋଲାମାନଙ୍କରେ ଏ ସବୁତକ ଧାନ ମହଜୁଦ୍ ରହିବ । ଏହା ବାଦ୍, ଧାନ ଚାଉଳ ହୋଇ ୫ ଲକ୍ଷ ମହଣରୁ ଅଧିକ ନିଅଣ୍ଟିଆ ଅଞ୍ଚଳମାନଙ୍କୁ ପଠା ହୋଇଛି । ତାହା ଯୋଗାଣ ବିଭାଗର ଧାନଚାଉଳ ଦୋକାନ ଜରିଆରେ ବିକା ହୋଇଛି । କେନ୍ଦ୍ର ଖାଦ୍ୟ ଓ କୃଷି ମନ୍ତ୍ରିଦପ୍ତରରୁ ପ୍ରତିଶ୍ରୁତି ମିଳିଛି ଯେ ଓଡ଼ିଶାରେ ଯେତେ ଧାନଚାଉଳ ଅଭାବ ପଡ଼ିବ ତାହା ସେ ଯୋଗାଇ ଦେବେ । ସେହି ପ୍ରତିଶ୍ରୁତି ବଳରେ ଗତ ଅକ୍ଟୋବରରେ ଏହି ସଭାରେ ଜଣାଇ ଦିଆଯାଇଥିଲା ଯେ ଏ ବର୍ଷ ବା ଆର ବର୍ଷ ଧାନଚାଉଳ ଯୋଗାଇବାରେ କୌଣସି ଅସୁବିଧା ହେବନାହିଁ । କଣ୍ଟ୍ରୋଲ ଉଠିଯାଇଥିବା ହେତୁରୁ ସବୁବେଳେ ଆଶା ରହିଛି ଯେ ବ୍ୟବସାୟୀମାନେ ତାଙ୍କମନରୁ ନିଅଣ୍ଟିଆ ଅଞ୍ଚଳରେ ମାଲ ପହଞ୍ଚାଇବେ । ଖାଦ୍ୟଶସ୍ୟ ସଂଗ୍ରହ କରି କଣ୍ଟ୍ରୋଲରେ ଯୋଗାଇବା ଦାୟିତ୍ୱ ସରକାରଙ୍କ ଉପରେ ପଡ଼ିବ ନାହିଁ । ଏହି ଆଶା କାର୍ଯ୍ୟରେ କେତେଦୂର ହୋଇଛି ଓ ଭବିଷ୍ୟତରେ ହେବ, ସେ କଥା ଆମେ ଧ୍ୟାନ ଦେଇ ଦେଖୁଛୁ । ଯଦି ବ୍ୟବସାୟୀଙ୍କ ଉପରେ ଯେଉଁ ଆଶା ଅଛି ତାହା ପୂରଣ ନ ହୁଏ, ତେବେ ସରକାର କାଳକ୍ଷେପ ନ କରି ପ୍ରୟୋଜନାନୁଯାୟୀ ଧାନଚାଉଳ କେନ୍ଦ୍ର ଗୋଦାମରୁ ଅଣାଇ ଅନାବୃଷ୍ଟିପୀଡ଼ିତ ଓ ନିଅଣ୍ଟିଆ ଅଞ୍ଚଳକୁ ଯୋଗାଇଦେବେ ।

# ବେକାର ସମସ୍ୟା

ବେକାର ସମସ୍ୟାର ସମାଧାନ ସକାଶ ଲୋକଙ୍କୁ କାମ ଯୋଗାଇବା ପାଇଁ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଚଳିତ ବର୍ଷ ଅନୁସୃତ ହୋଇଥିଲା । ହୀରାକୁଦ ଯୋଜନା, ଗ୍ରାମଗୋଷ୍ଠୀ ଯୋଜନା, ଜାତୀୟ ସମ୍ପ୍ରସାରଣ ବ୍ଲକ, ଅଧିକ ସଡ଼କ ଓ କୋଠାବାଡ଼ି ନିର୍ମାଣ, ଅଧିକ ବିଦ୍ୟାଳୟ ସ୍ଥାପନ, ଅଧିକ ଖାଦ୍ୟ ଉତ୍ପାଦନ, କ୍ଷୁଦ୍ର ଜଳସେଚନ ଯୋଜନା ଓ ଅନ୍ୟାନ୍ୟ ଉନ୍ନୟନ ଯୋଜନାମାନଙ୍କ ଯୋଗୁଁ ଲୋକଙ୍କୁ ଅଧିକ କାମ ମିଳୁଛି । ଶିକ୍ଷିତ ବେକାରମାନଙ୍କୁ କାମ ଯୋଗାଇବା ସକାଶେ କେତେଗୁଡ଼ିଏ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେଉଛି ଓ ସେଥିରେ ଅନେକ ଲୋକ କାମ ପାଇସାରିଛନ୍ତି । ହୀରାକୁଦ ଓ ରାଉରକେଲାରେ ଶିଳ୍ପଶିକ୍ଷା ଅନୁଷ୍ଠାନ ସ୍ଥାପନ, ଝାରସୁଗୁଡ଼ାରେ ଆଉ ଗୋଟିଏ ଇଞ୍ଜିନିୟରିଂ ସ୍କୁଲ ସ୍ଥାପନ, କଟକ ଇଞ୍ଜିନିୟରିଂ ସ୍କୁଲରେ ଅଧିକ ଛାତ୍ର ତାଲିମ କରିବାର ବ୍ୟବସ୍ଥା, ଭାରତରେ ଓ ବାହାରେ ଉଚ୍ଚ ଶିଳ୍ପଶିକ୍ଷା ସକାଶେ ଅଧିକସଂଖ୍ୟକ ଯୁବକମାନଙ୍କୁ ବୃତ୍ତିଦାନ ପ୍ରଭୃତି କେତେଗୁଡ଼ିଏ ପରିକଳ୍ପନା କାର୍ଯ୍ୟରେ ଚାଲିଛି ଓ କାର୍ଯ୍ୟକାରୀ ହେବାକୁ ଅଛି । ବେକାର ସମସ୍ୟାର ସମାଧାନ ସକାଶେ ଏସବୁ ହେଉଛି ।

# ରାଉରକେଲା କାରଖାନା

ରାଉରକେଲାରେ ଲୁହା କାରଖାନା ସ୍ଥାପନ କରିବା ଦିଗରେ କାମ ଆରମ୍ଭ ହେଲାଣି । ଜମି ସର୍ଭେ ହୋଇଛି । କାରଖାନାର ଘର ଇତ୍ୟାଦି ପାଇଁ ସ୍ଥାନ ନିର୍ଣ୍ଣୟ ହେଲାଣି । ଜମି ଦଖଲ ନେବା ପାଇଁ ଜଣେ ସ୍ପେଶାଲ ଲାଣ୍ଡ ଅକ୍ୱିଜିସନ୍ ଅଫିସର ନିଯୁକ୍ତ ହେଲେଣି । ଓଡ଼ିଶାର ଜଣେ ଆଇ. ଏ. ଏସ୍. ଅଫିସର ହିନ୍ଦୁସ୍ଥାନ ଷ୍ଟିଲ୍ କମ୍ପାନୀର ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର୍ ହେବା ପାଇଁ ପଠା ହୋଇଛନ୍ତି । କାରଖାନା ନିର୍ମାଣ କାର୍ଯ୍ୟରେ